## ଗଡ଼ହରିଶପୁର ପଞ୍ଚାୟତକୁ ଶଟ୍‌ଡାଉନ୍ ଘୋଷଣା

ଏରସମା(ସ୍ୱ.ପ୍ର.): ଏରସମା ବ୍ଲକ ଅନ୍ତର୍ଗତ ଗଡ଼ହରିଶପୁର ପଞ୍ଚାୟତରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ସ୍ଥାନୀୟ ସରପଞ୍ଚ ଭୀମସେନ ରାଉତ ପଞ୍ଚାୟତକୁ ୭ ଦିନ ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ୪ ଜୁନ୍ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ସେ କହିଛନ୍ତି। ଏନେଇ ଗ୍ରାମରେ ଡାକବାଜୀ ଯନ୍ତ୍ର ମାଧ୍ୟମରେ ପ୍ରଚାର କରିଥିବାବେଳେ ଜିଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କରାଇଛନ୍ତି। ଏଥିସହ ପ୍ରତିଦିନ ୨୦୦ ଟେଷ୍ଟିଂ କିଟ୍, ଔଷଧ, ମାସ୍କ ଓ ସାନିଟାଇଜର ଯୋଗାଇଦେବାକୁ ସେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଟୋଲ୍‌ପ୍ଲାଜା ମ୍ୟାନେଜରଙ୍କୁ ଆକ୍ରମଣ କରି ୧୦ ଲକ୍ଷ ଲୁଟ୍ ଅଭିଯୋଗ

ଧର୍ମଶାଳା,୨୮।୫(ଡି.ଏନ.ଏ.): ଧର୍ମଶାଳା ଥାନା ଅଧୀନ ଶ୍ରୀରାମପୁର ଟୋଲ ଗେଟ୍ ମ୍ୟାନେଜରଙ୍କୁ କେତେଜଣ ଯୁବକ ଆକ୍ରମଣ କରିବା ସହ ୧୦ ଲକ୍ଷ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୨୬୭/୨୧) ରୁଜୁ କରି ତଦନ୍ତ ଚଳାଇଛି। ଟୋଲଗେଟ ମ୍ୟାନେଜର ଜ୍ୟୋତିରଞ୍ଜନ ଦାସ ଓ ତାଙ୍କ ଗାଡ଼ି ଡ୍ରାଇଭର ଗୋପାଳ ବେହେରା ୨୫ ତାରିଖ ରାତିରେ କାମ ସାରି ଚଣ୍ଡିଖୋଲସ୍ଥିତ ବସାକୁ ଆସୁଥିଲେ। ଏହି ସମୟରେ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର କର୍ଣ୍ଣିଗଡ଼ିଆଠାରେ ସ୍ଥାନୀୟ ଅଞ୍ଚଳର ଅପୂର୍ବ ରଞ୍ଜନ ନାୟକ, ଗୌରାଙ୍ଗ ଚରଣ ସ୍ୱାଇଁ, ଦେବାନନ୍ଦ ଦାସ, ମନୋରଞ୍ଜନ ସାହୁ, ଅଭିମନ୍ୟୁ ସ୍ୱାଇଁ ପ୍ରମୁଖ ୧୦ରୁ ଊର୍ଦ୍ଧ୍ୱ ଯୁବକ କାଠ ଫାଳିଆ ଓ ଲୁହା ରଡ୍‌ରେ ଜ୍ୟୋତିରଞ୍ଜନ ଓ ତାଙ୍କ ଡ୍ରାଇଭରଙ୍କୁ ଆକମ୍ରଣ କରିଥିଲେ। ଏହାପରେ ୧୦ ଲକ୍ଷ ଟଙ୍କା ଛଡାଇ ନେଇଥିବା ମ୍ୟାନେଜର ଦାସ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ସରୋଜ ସାହୁ ସୂଚନା ଦେଇଛନ୍ତି।

### ବିବାହ ଭୋଜି ଖାଇ ୩୨ ଜଣ କରୋନାରେ ଆକ୍ରାନ୍ତ

ଡେରାବିଶ,୨୮।୫(ସ୍ୱ.ପ୍ର.): ଡେରାବିଶ ବ୍ଲକରେ କରୋନା ଉଗ୍ରରୂପ ଧାରଣ କରିଛି। ଗତ ୨୮ଦିନ ମଧ୍ୟରେ ୫୭୧ ଜଣ କରୋନାରେ ଆକ୍ରାନ୍ତ ହୋଇ ସଙ୍ଗରୋଧ ଓ ବିଭିନ୍ନ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତେବେ ଗୁରୁବାର ଚାନ୍ଦୋଳ ପଞ୍ଚାୟତ ଭଣଗାଁ ଗ୍ରାମର ୯ ନଂ. ୱାର୍ଡ଼ରୁ ୩୨ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଥିଲା। ଶୁକ୍ରବାର ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ଏହି ଗ୍ରାମକୁ ୭ ଦିନ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବା ସରପଞ୍ଚ ଅନୁପମା ଷଡଙ୍ଗୀ ସୂଚନା ଦେଇଛନ୍ତି। ଗତ ସପ୍ତାହରେ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବିବାହ ଭୋଜି ଥିଲା। ଗୃହକର୍ତ୍ତା ଭୁବନେଶ୍ୱରରୁ ଆସି ଗ୍ରାମରେ ଭୋଜି କରିଥିଲେ। ଭୁବନେଶ୍ୱରରେ ତାଙ୍କଠାରେ କରୋନା ଲକ୍ଷଣ ଦେଖାଯିବାରୁ ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ ଗୃହକର୍ତ୍ତାଙ୍କ ସମେତ ପରିବାରର ସମସ୍ତ ସଦସ୍ୟ କରୋନା ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ଏହି ଖବର ଜିଲା ପ୍ରଶାସନ ନିକଟରେ ପହଞ୍ଚିବା ପରେ ସୋମବାର ସମ୍ପୃକ୍ତ ଭଣଗାଁ ଗାଁରେ ୪୩ ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୨ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଶୁକ୍ରବାର ବିଡିଓ ଗୋପବନ୍ଧୁ ଭୋସାଗର, ଏବିଡିଓ ଭଞ୍ଜ କିଶୋର ନାୟକ, ଅତିରିକ୍ତ ତହସିଲଦାର ପ୍ରମୋଦ ମହାନ୍ତି, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତ୍ତରଞ୍ଜନ ବେହେରା ସମ୍ପୃକ୍ତ ଗ୍ରାମକୁ ଯାଇ ସରପଞ୍ଚଙ୍କ ଉପସ୍ଥିତିରେ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଥିଲେ। ତେବେ ଗୁରୁବାର ବ୍ଲକ ଅଞ୍ଚଳରେ ସର୍ବାଧିକ ୭୪ ପଜିଟିଭ୍ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### କରୋନାରେ ଆକ୍ରାନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ମୃତ୍ୟୁ

ବାଲିକୁଦା,୨୮।୫(ସ୍ୱ.ପ୍ର.): ବାଲିକୁଦା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ଜଗତ୍‌ସିଂହପୁର ବ୍ଲକ ଶିକ୍ଷାଧିକାରୀ ଗଣେଶଚନ୍ଦ୍ର ସେଠୀ(୪୨)ଙ୍କ ଶୁକ୍ରବାର ପରଲୋକ ଘଟିଛି। ସେ କରୋନାରେ ଆକ୍ରାନ୍ତ ହୋଇ କଟକସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଗତ ୯ ତାରିଖରେ ସେ କୋଭିଡ୍ ପଜିଟିଭ୍ ହୋଇ ଗୃହ ସଙ୍ଗରୋଧରେ ଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ପ୍ରଥମେ ପାରାଦୀପ ଓ ପରେ କଟକ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୃତ୍ୟୁରେ ବାଲିକୁଦା ବ୍ଲକରେ ଶୋକର ଛାୟା ଖେଳିଯାଇଛି। ବାଲିକୁଦା ଉଚ୍ଚ ବିଦ୍ୟାଳୟରେ ଏକ ଶୋକସଭା କରାଯାଇଥିଲା। ଶିକ୍ଷକ ପ୍ରିୟରଞ୍ଜନ ରାୟ, ପ୍ରସନ୍ନ ସାହୁ, ସୌଭାଗ୍ୟ ରଞ୍ଜନ ସାହୁ, ମଧୁଛନ୍ଦା ଆଚାର୍ଯ୍ୟ, ରଶ୍ମିରେଖା ମିଶ୍ର, ପ୍ରମୁଖ ଯୋଗ ଦେଇଥିଲେ। ପରେ ସ୍ୱର୍ଗତ ସେଠୀଙ୍କ ଓରଡ଼ାଙ୍ଗସ୍ଥିତ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ସେଠୀଙ୍କ ମୃତ୍ୟୁରେ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ବାଲିକୁଦା ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଜ୍ୟୋତିଷଚନ୍ଦ୍ର ଦାସ ଓ ଉମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# କାଣୀ ନଦୀବନ୍ଧରେ ୩ ଘାଇ

- ବର୍ଷେ ନ ପୂରୁଣୁ ଜୀବନ ଜୀବିକା ବିପନ୍ନ
- ନାମକୁ ମାତ୍ର ଦୁର୍ବଳ ନଦୀବନ୍ଧ ଚିହ୍ନଟ
- ୧୦୧ ଗ୍ରାମର ୨୫ ହଜାର ଲୋକ ପ୍ରଭାବିତ
- ୧୩ ହଜାର ଲୋକ ଜଳବନ୍ଦୀ

ଯାଜପୁର ଅଫିସ,୨୮।୫



ବୈତରଣୀ ଶାଖା କାଣୀ ନଦୀର ପଲ୍ଲାସାହି ନିକଟରେ ହୋଇଥିବା ଘାଇ।

ବାତ୍ୟା 'ୟାସ୍' ଯୋଗୁ ବୈତରଣୀର ଶାଖା କାଣୀ ନଦୀବନ୍ଧରେ ୩ଟି ସ୍ଥାନ କଣ୍ଟପଡ଼ା, ପଲ୍ଲାସାହି ଓ ନିଉବାଙ୍କ କାମଦେବମହରାଠାରେ ଘାଇ ସୃଷ୍ଟି ହୋଇଛି। ବର୍ଷେ ନ ପୂରୁଣୁ ବୈତରଣୀ ନଦୀବନ୍ଧରେ ପୁଣି ଘାଇ ସୃଷ୍ଟି ହେବା ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଜୀବନଜୀବିକାକୁ ବିପନ୍ନ କରିଛି। ଏହା ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗର ନିୟୋଜିତ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏହି ୩ ଘାଇ ଯୋଗୁ ୪ ବ୍ଲକର ୧୦୧ ଗ୍ରାମର ୨୫,୦୩୩ ଲୋକ ପ୍ରଭାବିତ ହୋଇଥିବାବେଳେ ୭୬ ଗ୍ରାମର ୧୩,୭୦୫ ଲୋକ ଜଳବନ୍ଦୀ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଗତବର୍ଷ ଅଗଷ୍ଟ ବନ୍ୟାରେ ଜିଲାରେ ୨୫ଟି ଘାଇ ସୃଷ୍ଟି ହୋଇଥିଲାବେଳେ କିଛିଦିନ ବିରୋଧୀଙ୍କ ସ୍ୱର ସଚେତ ରହି ପୁଣି ମଉଳିଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଏବେ ସବୁଠି ଚର୍ଚ୍ଚା ହେଉଛି।

ଗତବର୍ଷର ୨୫ଟି ଘାଇର ମରାମତି ପାଇଁ ୧୨ କୋଟି ୩୯ ଲକ୍ଷ ଟଙ୍କା ଅଟକଳ ହୋଇଥିଲା। ଓସିସିଏଲ୍‌କୁ ଏହାର ଦାୟିତ୍ୱ ଦିଆଯାଇଥିଲା। ସେଥିମଧ୍ୟରୁ ଯାଜପୁର ଜଳସେଚନ ଡିଭିଜନ ଅଧୀନରେ ୪ଟି ସ୍ଥାନ ଦଉପୁର, ନୂଆଶାସନ, ଖରସ୍ରୋତା ନଦୀବନ୍ଧ ଡାହାଣପାର୍ଶ୍ୱ ମଲ୍ଲିପୁର ଓ ବାମପାର୍ଶ୍ୱ ଆରଡ଼ି ରାସ୍ତାର ୧୧୦୦ ମିଟର ଦୂରରେ ଘାଇ ସୃଷ୍ଟି ହୋଇଥିଲା। ଏହି ୪ ଘାଇ ସମ୍ପୂର୍ଣ୍ଣ ମରାମତି ପାଇଁ ପ୍ରାୟ ୨ କୋଟି ଟଙ୍କା ଅନୁଦାନ ଆସିଥିଲା। ଏହି କାର୍ଯ୍ୟ କେତେଜଣ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଏହାବାଦ ଦୁର୍ବଳ ନଦୀବନ୍ଧ ଚିହ୍ନଟ କରି ବିପୁଳ ଟଙ୍କା ଖର୍ଚ୍ଚ କରାଯାଇ ସୁଦୃଢ଼ ମଧ କରାଯାଇଥିଲା। କିନ୍ତୁ ଏହାର ୮ ମାସ ପରେ ପୁଣି ଘାଇ ସୃଷ୍ଟି ହୋଇଛି, ଯାହାକି ଜଳ ସମ୍ପଦ ବିଭାଗର ଅପାରଗତାକୁ ସୂଚାଉଥିବା ମତପ୍ରକାଶ ପାଇଛି। ବାତ୍ୟା ପ୍ରଭାବରେ ଉପରମୁଣ୍ଡ କେନ୍ଦୁଝର ଜିଲାରେ ପ୍ରବଳ ବର୍ଷା ହୋଇଥିଲା। ଏଥିଯୋଗୁ ଗୁରୁବାର ପୂର୍ବାହ୍ନ ୯ଟା ସମୟରେ ବୈତରଣୀ ନଦୀର ଆନନ୍ଦପୁରଠାରେ ଜଳପତ୍ତନ ବିପଦସଙ୍କେତ ୩୮.୩୬ ମିଟରକୁ ଟପିଥିଲା। ରାତି ୭ଟା ବେଳକୁ ୩୯.୩୫ ମିଟରରେ ଜଳପତ୍ତନ ରହିଥିଲା। ଏହାପରେ ଆନନ୍ଦପୁରଠାରେ ଜଳପତ୍ତନ ହ୍ରାସ ପାଇଥିବାବେଳେ ଶୁକ୍ରବାର ଭୋର ୪ଟାରେ ଆଖୁଆପଦାଠାରେ ଜଳପତ୍ତନ ବିପଦସଙ୍କେତ ୧୭.୮୩ ମିଟର ସ୍ଥଳେ ୧୮.୯୮ ମିଟର ରହିଥିଲା। ଏହାବାଦ୍ ବଲ୍ଲଭିଘାଟଠାରେ ଜଳପତ୍ତନ ବିପଦସଙ୍କେତ ୧୩.୩୪ ମିଟର ସ୍ଥଳେ ସର୍ବାଧିକ ୧୩.୬୮ ମିଟର ଏବଂ ଦଶରଥପୁରଠାରେ ଜଳପତ୍ତନ ବିପଦସଙ୍କେତ ୯.୫୨ ମିଟର ସ୍ଥଳେ ସର୍ବାଧିକ ୧୧.୬୦ ମିଟର ରହିଥିଲା। ଶୁକ୍ରବାର ପୂର୍ବାହ୍ନ ୯ଟା ପରେ ଜଳପତ୍ତନ ହ୍ରାସ ପାଇଥିବାରୁ ଦୁର୍ବଳ ନଦୀବନ୍ଧର ସୁଯୋଗରେ ୩ଟି ଘାଇ ହୋଇଥିବା ଗ୍ରାମବାସୀ କହିଛନ୍ତି। ବନ୍ୟା ଜଳଘେରରେ ରହିଥିବା ୧୪୫୩ ଜଣ ଲୋକଙ୍କୁ ଉଦ୍ଧାର କରାଯାଇ ୧୩ଟି ଆଶ୍ରୟସ୍ଥଳୀରେ ରଖାଯାଇଛି। ୩ଟି ଏନ୍‌ଡିଆର୍‌ଏଫ୍ ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଏଥିରେ ୬ ପ୍ରାଣୀଙ୍କ ମୃତ୍ୟୁ ହୋଇଥିବାବେଳେ ପ୍ରାୟ ୧୪୦୦ ପ୍ରାଣୀ ପ୍ରଭାବିତ ହୋଇଛନ୍ତି। ପ୍ରାୟ ୧ ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଜଳବନ୍ଦୀ ଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଭିତରକନିକାରେ କ୍ଷୟକ୍ଷତି

ରାଜନଗର, ୨୮।୫(ଡି.ଏନ.ଏ.)

ବଙ୍ଗୋପସାଗରରେ ସୃଷ୍ଟି ବାତ୍ୟା ୟାସ୍ ପ୍ରଭାବରେ ଭିତରକନିକା ହେନ୍ତାଳବଣରେ ବ୍ୟାପକ କ୍ଷୟକ୍ଷତି ଦେଖିବାକୁ ମିଳିଛି। ଅନେକ ବିରଳ ବୃକ୍ଷ ଭାଙ୍ଗି ପଡିଛି। ଏହାଛଡା ଭିତରକନିକାକୁ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନଙ୍କୁ ବଙ୍ଗୋପସାଗର କୂଳରେ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ହାବେଳିଖଟିଠାରେ ନିର୍ମାଣ କରାଯାଇଥିବା କଟେଜଗୁଡିକ ବାତ୍ୟା ପ୍ରଭାବରେ କ୍ଷତି ଘଟିଛି। ଚଳିତବାତ୍ୟାରେ ସମୁଦ୍ର ଜୁଆର ହାବେଳିଖଟିରେ ତାଣ୍ଡବ ରଚିଛି। ଡଲଫିନ ହାଉସ ଉପରେ ସମୁଦ୍ର ଜୁଆର ମାଡ ହେବାରୁ କବାଟ ଭାଙ୍ଗି ଯିବା ସହ ଘର ଭିତରେ ୨ ଫୁଟର ପାଣି ଜମି ରହିଛି। ଏଥିସହ ହାଉସ ତଳୁ ୨ ଫୁଟ ଗଭୀରର ମାଟି ଓ ବାଲିକୁ ଜୁଆର ଧୋଇ ନେଇଛି। ଠିକ୍ ଯେପରି ଦୁଇବର୍ଷ ତଳେ ହାବେଳିଖଟିର ଅନ୍ୟ ଏକ ବିଲ୍ଡିଂ ତଳୁ ଧୋଇ ନେଇଥିଲା। ପବନରେ ଫ୍ଲୋଟିଂ ଜେଟିକୁ ୧୦ଫୁଟ ଉଚ୍ଚକୁ ଉଡାଇ ନେଇଛି। ବାବୁବାଲିଠାରେ ବନବିଭାଗର କ୍ୟାମ୍ପ ହାଉସକୁ ଉଡାଇ ନେଇଛି। ଭିତରକନିକା ଜାତୀୟ ଉଦ୍ୟାନର ହାବେଳିଖଟିଠାରେ ସମୁଦ୍ର କୂଳରେ ୨୦୧୮ରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ୪ଟି କଟେଜ ନିର୍ମାଣ କରାଯାଇଥିଲା। ଏକକୁଳାଠାରେ ଥିବା ଅତିଥି ଭବନର ଛପର ଉଡାଇ ନେଇଛି। ଡାଙ୍ଗମାଳଠାରେ ଥିବା ମ୍ୟୁଜିୟମ୍ ଉପରେ ଗଛ ପଡି ଭାଙ୍ଗି ଯାଇଛି। ନଳିତାପାଟିଆ ବିଟ ହାଉସ ଓ ଡାଙ୍ଗମାଳ ଭିତରେ ଥିବା ୨ଟି ରିସର୍ଚ୍ଚ ସେଣ୍ଟର ଉପରେ ଗଛ ପଡିଛି। ଜଙ୍ଗଲ ଭିତରେ ଥିବା ବନବିଭାଗର ଅଧିକାଂଶ ପାଦ ଚଲା ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ସମୁଦ୍ର କୂଳରେ ଶତାଧିକ ଝାଉଁ ଗଛକୁ ଜୁଆର ଉପାଡି ଦେଇଛି। ଚାରିଆଡ଼େ ପାଣି ମାଡିଥିବାରୁ ଜଙ୍ଗଲ ଭିତରର କ୍ଷୟକ୍ଷତି ରିପୋର୍ଟ ଜଣାପଡିନାହିଁ। ଡାଙ୍ଗମାଳଠାରେ ପାଚେରି ପଡି ଗୋଟିଏ ହରିଣ ଓ ଗଛ ପଡି ଅନ୍ୟ ଏକ ହରିଣ ମୃତ୍ୟୁବରଣ କରିଛି। ତାଳଚୁଆ ଅଞ୍ଚଳରେ ଗୋଟିଏ ହରିଣ ମୃତ୍ୟୁବରଣ କରିଥିବା ବନବିଭାଗ ପକ୍ଷରୁ କୁହାଯାଇଛି। ଖୋଲା ଗାଁ ଭିତରକୁ ପଶି ଆସିଥିବା ୪ଟି ହରିଣକୁ ଉଦ୍ଧାର କରାଯାଇ ଜାତୀୟ ଉଦ୍ୟାନ ମଧ୍ୟରେ ଛଡା ଯାଇଥିବା ନେଇ ଡିଏଫଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି।



ହାବେଳିଖଟିରେ ଥିବା ଗେଷ୍ଟ ହାଉସ୍ ତଳୁ ଜୁଆର ବାଲି ତାଡ଼ି ନେଇଛି।

# ପାନୀୟ ଜଳ ଲାଗି ପୋଖରୀ ଭରସା



ଗୋଜାବନ୍ଧ ଗାଁର ମହିଳାମାନେ ଗରା,ମାଠିଆ ଧରି ପୋଖରୀରୁ ପାଣି ଆଣିବା ପାଇଁ ଯାଉଛନ୍ତି।

ମହାକାଳପଡ଼ା, ୨୮।୫ (ଡି.ଏନ୍.ଏ.)

ବାତ୍ୟା ୟାସ୍ ଛାଡ଼ିଯାଇଛି ଅନେକ ସମସ୍ୟା। କେଉଁଠି ଖୋଲା ଆକାଶ ତଳେ ଲୋକେ ଆଶ୍ରୟ ନେଇଛନ୍ତି ତ ଆଉ କେଉଁଠାରେ ଲୁଣା ଘେରି ବନ୍ଧ ଭାଙ୍ଗି ଜମିରେ ଜୁଆର ପାଣି ପ୍ରବେଶ କରିଛି। ପାନୀୟ ଜଳ ମୁନ୍ଦେ ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଉପକୂଳ ଅଞ୍ଚଳ ଗୋଜାବନ୍ଧ ଗାଁରେ। ଏଠାରେ ମହିଳାମାନେ ଗାଁ ପୋଖରୀ ଜଳ ପିଇବାକୁ ବାଧ ହେଉଛନ୍ତି। ପାନୀୟ ଜଳ ଯୋଗାଉଥିବା ବିଶୋଧନ ଗାଡିରେ ଡିଜେଲ ଅଭାବ ଯୋଗୁ ମହିଳା ପୋଖରୀ ପାଣି ବ୍ୟବହାର କରୁଛନ୍ତି। ଗାଁର ମହିଳାଙ୍କ କହିବା କଥା, ଦିନକୁ ଥରେ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ହେଉଛି। ସୁକପ୍ରିୟା ସ୍ୱାଇଁ, ସ୍ୱର୍ଣ୍ଣଲତା ସ୍ୱାଇଁ, ତୁନି ହାତୀ, ନର୍ମଦା ନାୟକ, ସଂଯୁକ୍ତା ନାୟକ, ସସ୍ମିତା ନାୟକ, ବାସନ୍ତୀ ନାୟକ ପ୍ରମୁଖ ଉପରୋକ୍ତ ଅଭିଯୋଗ କରିଛନ୍ତି। ଗାଁ ନଳକୂପ ଜଳ ଲୁଣିଆ, ଲୌହ ମିଶ୍ରିତ, ଖାରୀ ଓ ହଳଦିଆ ଜଳ ଯୋଗୁ ବହୁ ସମସ୍ୟା ଦେଖାଦେଇଛି। ନିକଟ ଲୁଣା ନଦୀ ଜଳ ବ୍ୟବହାର ଯୋଗ୍ୟ ନୁହେଁ ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଏମାନେ କହିବା କଥା ସରକାରଙ୍କ ବସୁଧା ଯୋଜନା କାହା ପାଇଁ, ଏହି ଯୋଜନାରେ ସରକାର ବର୍ଷକୁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଆମ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ବୋଲି ମହିଳାମାନେ କହିଛନ୍ତି। ତୁରନ୍ତ ପାନୀୟ ଜଳ ଯୋଗାଇ ଦେବାକୁ ଦାବି ହୋଇଛି।

# କାମଦେବ ମାହାରା ଘାଇ ମୁକୁଳା, ବୁଡ଼ିଲା ଚାଷଜମି

ସିଂହପୁର,୨୮।୫(ଡି.ଏନ.ଏ.)

ବିଞ୍ଝାରପୁର ଜଳସମ୍ପଦ ବିଭାଗ ଅନ୍ତର୍ଗତ ଜରି ପଞ୍ଚାୟତ ନାଉବାଙ୍କ କାମଦେବ ମାହାରାରେ ଗତ ଅଗଷ୍ଟ ପ୍ରଳୟଙ୍କାରୀ ବନ୍ୟାରେ ଏକ ବିରାଟ ଘାଇ ହୋଇଥିଲା। କିଛି ଦିନ ପରେ ଘାଇ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଧିମା କାର୍ଯ୍ୟ ଯୋଗୁ ଏ ପର୍ଯ୍ୟନ୍ତ ଘାଇ ମରାମତି ସରିନାହିଁ। ଏବେ ଖରସ୍ରୋତା ନଦୀରେ ବନ୍ୟା ଆସିବାରୁ ଘାଇ ବାଟ ଦେଇ ଚାଷଜମିରେ ପାଣି ପଶିଛି। ଯଦ୍ୱାରା ସିଂହପୁର, ଜରି, ଓଳେଇ ଚନ୍ଦନପୁର, ତିଣା, ବାଛୋଳ, ହଳଦୀଡିହ ସମେତ ୧୫ଟି ପଞ୍ଚାୟତର ଚାଷଜମି ଜଳମଗ୍ନ ହୋଇଛି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଦାୟିତ୍ୱ ହିନତା ଯୋଗୁ ଚାଷୀମାନେ ସର୍ବସ୍ୱାନ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ଏବେ ଚାଷ ଜମିରେ ୪ରୁ୫ ଫୁଟର ପାଣି ସ୍ରୋତ ଚାଲିଛି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଘାଇ ମରାମତି କରାଯିବା ସହ ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ପ୍ରଦ୍ୟୁମ୍ନ ପାତ୍ର, ଅଶୋକ ପାତ୍ର, ବିଜୟ ସାମଲ, ଘନଶ୍ୟାମ ନାୟକ, ସୁରେନ୍ଦ୍ର ନାୟକ, ଅଭୟ ଧଳ, ପ୍ରତାପ ଜେନା, ପ୍ରଶାନ୍ତ ନାୟକ, ଜରି ସମିତି ସଭ୍ୟ ଭୁବନାନନ୍ଦ ସାମଲ, ସରପଞ୍ଚଙ୍କ ପ୍ରତିନିଧି ମନୋଜ ସାମଲ ପ୍ରମୁଖ ଦାବି କରିଛନ୍ତି। ଏହା ନ ହେଲେ ଚାଷୀ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ୨ ପରିବାରରେ ମାରପିଟ: ଏକାଧିକ ଆହତ

ଜଗତ୍‌ସିଂହପୁର ଅଫିସ, ୨୮।୫

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଶାଳଜଙ୍ଗ ଚାରିବାଟିଆରେ ୨ ପରିବାର ମଧ୍ୟରେ ସଂଘର୍ଷ ଯୋଗୁ ଏକାଧିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ କଟକ ସ୍ଥାନାନ୍ତର ହୋଇଛନ୍ତି। ଉଭୟ ପକ୍ଷର ଅଭିଯୋଗ ଆଧାରରେ ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୁମିତ୍ରା ନାଥ(୪୦) ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୭ଟା ବେଳେ ତାଙ୍କ ସ୍ୱାମୀ ଧନେଶ୍ୱର, ପୁଅ ରାକେଶ, ଦେଢ଼ଶୁର ବାବୁଲି ଓ ବେଣୁଧର ନାଥ ଦାଣ୍ଡରେ ଘର ପାଖରେ ଠିଆ ହୋଇଥିଲେ। ପଡ଼ୋଶୀ ହରିହର ନାଥ ରାସ୍ତା ମାଡ଼ି ଘର କରିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେବାନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ହରିହରଙ୍କ ୨ ପୁଅ ଖଣ୍ଡା, ଭୁଜାଲି ଧରି ସେମାନଙ୍କୁ ଆକ୍ରମଣ କରିଥିଲେ। ଫଳରେ ସ୍ୱାମୀ ଧନେଶ୍ୱର ଗୁରୁତର ହୋଇଥିବାବେଳେ ପୁଅ ରାକେଶ ଆହତ ହୋଇଛନ୍ତି। ଉଭୟଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାମୀଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆକ୍ରମଣରେ ହରିହରଙ୍କ ସ୍ତ୍ରୀ ଡଲି ଓ ବୋହୂ ସାମିଲ ଥିଲେ ବୋଲି ସୁମିତ୍ରା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏନେଇ ପୋଲିସ ମାମଲା (ନଂ.୨୫୬/୨୧) ରୁଜୁ କରିଛି। ଅନୁରୂପଭାବେ ଡଲି ନାଥଙ୍କ ଅଭିଯୋଗ ଅନୁଯାୟୀ, ମାମଲା (ନଂ.୨୫୭/୨୧) ରୁଜୁ ହୋଇଛି। ଡଲି କରିଥିବା ଅଭିଯୋଗ ଅନୁଯାୟୀ, ସେ ଆଶାକର୍ମୀ ଭାବେ କାର୍ଯ୍ୟରତ। ଗତ ୨୪ ତାରିଖରେ ପଞ୍ଚାୟତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କରୋନା ଟିକାକରଣ ହୋଇଥିଲା। ଏ ବାବଦରେ ସେ କିଛି ଜାଣି ନ ଥିଲେ ବୋଲି କହିଥିଲେ ମଧ୍ୟ ଅଭିଯୁକ୍ତମାନେ କାହିଁକି ଜଣାଇଲନି ବୋଲି କହି ଡଲିଙ୍କ ଘର ଆଗରେ ଗାଳିଗୁଲଜ କରିଥିଲେ। ଶୁକ୍ରବାର ସକାଳେ ହଠାତ୍ ସେମାନେ ମାରଣାସ୍ତ୍ର ଧରି ଘରେ ପଶିବାକୁ ଚେଷ୍ଟା କରିଥିଲେ। ସେ ଅଟକାଇବାରୁ ଅଭିଯୁକ୍ତ ପ୍ରଭାକର ନାଥ ଶାବଳରେ ଆକ୍ରମଣ କରିଥିଲେ। ଡଲି ଜୀବନ ବଞ୍ଚାଇବା ପାଇଁ ହାତ ଦେଖାଇ ଦେଇଥିଲେ। ଫଳରେ ତାଙ୍କ ହାତରେ ଆଘାତ ଲାଗିଛି। ଧନେଶ୍ୱର ନାଥ ମଧ୍ୟ ଆକ୍ରମଣରେ ସାମିଲ ହୋଇଥିଲେ। ଅନ୍ୟ ୫ ଜଣ ଘରେ ପଶି ଘରକରଣା ସାମଗ୍ରୀ ଭଙ୍ଗାରୁଜା କରି ଦେଇଥିଲେ। ଏଥିଯୋଗୁ ପ୍ରାୟ ୧୦ ଲକ୍ଷ ଟଙ୍କାର କ୍ଷତି ହୋଇଛି ବୋଲି ଡଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ହରହରିଙ୍କୁ ହତ୍ୟା ଘଟଣା: ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ସ୍ତ୍ରୀ

କୋରେଇ,୨୮।୫(ଡି.ଏନ.ଏ.)

ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଗୋଶାଳା ଛକରେ ଗତ ୪ ତାରିଖ ସନ୍ଧ୍ୟାରେ ଛୁରାମାଡ଼ରେ ପ୍ରାଣ ହରାଇଥିବା ହରିହର ସେଠୀଙ୍କ ସ୍ତ୍ରୀ ଆଶାଲତା ଶୁକ୍ରବାର ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦେଇଥିବା ପତ୍ରରେ ଆଶାଲତା ଦର୍ଶାଇଛନ୍ତି ଯେ, ତାଙ୍କ ସ୍ୱାମୀଙ୍କୁ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଏଯାଏ ଗିରଫ କରିପାରିନାହିଁ। ମୁଖ୍ୟ ଅଭିଯୁକ୍ତ ଏବଂ ତାଙ୍କ ସ୍ୱାମୀ ଏକ ବେସରକାରୀ ଅନୁଷ୍ଠାନରେ କାମ କରୁଥିଲେ। ଟଙ୍କା କାରବାରକୁ ନେଇ ତାଙ୍କ ସ୍ୱାମୀଙ୍କୁ ୩ ଜଣ ମିଶି ହତ୍ୟା କରିଛନ୍ତି। ପୋଲିସ ଆଇପିସି ଦଫା ୩୪୧, ୩୨୪, ୩୨୬, ୩୦୭, ୩୪ ଅନୁଯାୟୀ ୧୮୨/୨୦୨୧ ନମ୍ବରରେ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତ ଦୀପକ ଭଟ୍ଟ ଓ ସଜ୍ଜନ ଭଟ୍ଟଙ୍କୁ କୋର୍ଟଚାଲାଣ କରିଛି। ତେବେ ହରିହରଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହେବା ପରେ ତାହା ହତ୍ୟା ମାମଲାରେ ପରିବର୍ତ୍ତନ ହୋଇଛି।

# ରସୁଲପୁରରେ କରୋନା ସ୍ଥିତି ଉଦ୍‌ବେଗଜନକ

ରସୁଲପୁର,୨୮।୫(ଡି.ଏନ.ଏ.)

**ସାମନ୍ତରାପୁର ପଞ୍ଚାୟତରେ ୬୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ**

ରସୁଲପୁର ବ୍ଲକ ଅଞ୍ଚଳରେ କରୋନା ସ୍ଥିତି ଉଦ୍‌ବେଗଜନକ ହୋଇପଡ଼ିଛି। ବ୍ଲକ ଅଧୀନ ସାମନ୍ତରାପୁର ପଞ୍ଚାୟତରେ ଦିନକରେ ୬୦ରୁ ଊର୍ଦ୍ଧ୍ୱ କରୋନା ରୋଗୀ ଚିହ୍ନଟ ହେବା ପ୍ରଶାସନ ପାଇଁ ଚିନ୍ତା ବଢ଼ାଇ ଦେଇଛି। ଏଠାରେ ଗୋଷ୍ଠୀ ସଂକ୍ରମଣ ହୋଇଛି ବୋଲି ଚର୍ଚ୍ଚା ହେଉଛି। ସୂଚନା ଅନୁସାରେ, ଉକ୍ତ ପଞ୍ଚାୟତରେ ଗତ ସପ୍ତାହରେ ଗୋଟିଏ ପରିବାରର ୨ ବ୍ୟକ୍ତିଙ୍କ କରୋନାରେ ମୃତ୍ୟୁ ହୋଇଥିଲା। ତେଣୁ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକେ ଆକ୍ରାନ୍ତ ହୋଇଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ଫଳରେ ପଞ୍ଚାୟତ ଓ ଏହାର ଆଖପାଖ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପରୀକ୍ଷା କରାଯାଇଥିଲା। ସେଥିରୁ କେବଳ ସାମନ୍ତରାପୁର ପଞ୍ଚାୟତର ଆକ୍ରାନ୍ତଙ୍କ ସଂଖ୍ୟା ଅର୍ଦ୍ଧଶତକ ଅତିକ୍ରମ କରିଛି। ଏହାଛଡ଼ା ମଙ୍ଗରାଜପୁର, ଅତଲାପୁର ଆଦି ପଞ୍ଚାୟତରୁ କେତେଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡ଼ା, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ବିଶ୍ୱରଞ୍ଜନ କର, ଡା. ବସନ୍ତ ପଣ୍ଡା, ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ହରିପ୍ରିୟା ସେନାପତିଙ୍କ ସମେତ ଏଏନଏମ୍, ଆଶା, ଅଙ୍ଗନୱାଡି କର୍ମୀ ପ୍ରମୁଖ ସାମନ୍ତରାପୁର ପଞ୍ଚାୟତରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ କୁଆଖିଆ ସ୍ଥିତ ଭୂମିକା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଆକ୍ରାନ୍ତଙ୍କୁ ଘରୋଇ ସଂଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିପୂର୍ବରୁ ବ୍ରହ୍ମବରଦା ଓ ମହେଶ୍ୱର ପଞ୍ଚାୟତକୁ ସଟ୍‌ଡାଉନ କରାଯାଇଛି। ସୋମବାର ସଟ୍‌ଡାଉନ ଶେଷ ହେବ। ତଥାପି କରୋନାକୁ ନେଇ ଅଭାବନୀୟ ଘଟଣା ଘଟୁଛି। କରୋନାରେ ମୃତ୍ୟୁ ବରଣ କରୁଥିବା ପରିବାରକୁ ସାମାଜିକ ବାସନ୍ଦ କରାଯାଉଛି। ଏଭଳି ଘଟଣା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏନେଇ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ବିଶ୍ୱରଞ୍ଜନ କର କହିଛନ୍ତି, ଗୋଷ୍ଠୀ ସଂକ୍ରମଣ ହୋଇନାହିଁ। ଚିହ୍ନଟ ଅଧିକାଂଶ ଆକ୍ରାନ୍ତ ଲକ୍ଷଣବିହୀନ ଥିବାରୁ ବିପଦର ସମ୍ଭାବନା ନାହିଁ। ବର୍ତ୍ତମାନ ସ୍ଥିତିରେ କେବଳ କରୋନା ଲକ୍ଷଣ ଥିବା ବ୍ୟକ୍ତିଙ୍କ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି।

# ବିପର୍ଯ୍ୟୟ ରୋକୁଛି ହେନ୍ତାଳବଣ

- ନାଶୀ-୨, ହାବେଳିଖଟି, ଏକକୁଳା ବିପଦରେ
- ଫେଲ୍ ମାରିଛି, ଜିଓ ଟ୍ୟୁବ୍‌ୱେଲ ପ୍ରକଳ୍ପ

କେନ୍ଦ୍ରାପଡା ଅଫିସ, ୨୮।୫



କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥ ଭିତରକନିକାରେ ସାମୁଦ୍ରିକ ଝଡ଼ ୟାସ ୨୫ ଓ ୨୬ ତାରିଖରେ ପ୍ରଭାବ ଦେଖାଇଛି। ଝଡ଼ ପ୍ରଭାବରେ ସମୁଦ୍ରର ଲହଡ଼ି ପ୍ରାୟ ୩ ମିଟର ଉଚ୍ଚା ହୋଇଥିଲା। ଫଳରେ ସାତଭାୟା ଅଞ୍ଚଳରେ ୩ କି.ମି. ପର୍ଯ୍ୟନ୍ତ ସମୁଦ୍ର ପାଣି ମାଡ଼ିଯିବା ସହ ଲୁଣା ଘେରିବନ୍ଧ ଡେଇଁ ଚାଷ ଜମିକୁ କ୍ଷତି କରିଛି। ସେହିପରି ଜୁଆର ମାଡ଼ ଯୋଗୁ ନାଶୀ-୨, ହାବେଳିଖଟି, ଏକକୁଳା ଆଦି ତଟକ୍ଷୟ ଯୋଗୁ ବିପଦରେ ପଡ଼ିଛି। ତେବେ ସମୁଦ୍ରତଟରେ ଥିବା ଘଞ୍ଚ ହେନ୍ତାଳବଣ ପ୍ରାୟ ୨୦ କିମି ଅଞ୍ଚଳର ତଟକ୍ଷୟକୁ ରୋକି ପାରିଛି। ଅପରପକ୍ଷରେ ୱାର୍ଲ୍ଡ ବ୍ୟାଙ୍କ ସହାୟତାରେ ରାଜନଗର ପେଣ୍ଠଠାରେ ନିର୍ମିତ ଜିଓ ସିନ୍ଥେଟିକ ଟ୍ୟୁବ୍‌ୱେଲ ପ୍ରକଳ୍ପ ଫେଲ ମାରିଛି। ଟ୍ୟୁବ୍‌ୱେଲକୁ ସୁରକ୍ଷା ଯୋଗାଇ ଦେଉଥିବା ପଥରବନ୍ଧ ନଷ୍ଟ ହୋଇଛି। ଟ୍ୟୁବ୍‌ୱେଲ ନିକଟସ୍ଥ ଘେରିବନ୍ଧ ଉପରେ ସମୁଦ୍ର ଜୁଆର ପ୍ରଭାବ ପକାଇଛି। ସମୁଦ୍ର ତଟଠାରୁ ୧୦ କିମି ପରିଧି ମଧ୍ୟରେ ହେନ୍ତାଳବଣ ସୃଷ୍ଟି କରାଗଲେ ବନ୍ୟା, ବାତ୍ୟା ଓ ସୁନାମୀ ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ରାପଡା ସହ ସମୁଦ୍ର କୂଳବର୍ତ୍ତୀ ଜିଲାକୁ ସୁରକ୍ଷିତ ରଖାଯାଇ ପାରିବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଭିତରକନିକା ଇକୋ ସେନ୍‌ସିଟିଭ ମନିଟରିଂ ଜୋନ କମିଟି ଶ୍ରୀକାନ୍ତ ନାୟକ, ପରିବେଶବିତ୍ ହେମନ୍ତ ରାଉତ, ଜନ ଅଧିକାର ମଞ୍ଚ ସଭାପତି ଭୁବନ ମୋହନ ଜେନା, ଭିତରକନିକା ବଞ୍ଚାଅ ଅଭିଯାନର କର୍ମକର୍ତ୍ତା ସଞ୍ଜୟ ବେହୁରା, କ୍ଷୀତିଶ କୁମାର ସିଂହ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାବାସୀଙ୍କ ପାଇଁ ହେନ୍ତାଳବଣ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁରକ୍ଷା ପ୍ରାଚୀର ଭାବେ ଛିଡା ହୋଇଛି। ଏହାବ୍ୟତୀତ ଡାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ର ହେଉ ଅଥବା ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନସ୍ଥଳ ଭାବେ ଜାତୀୟ ଉଦ୍ୟାନ ଭିତରକନିକା ବିଶ୍ୱରେ ଖ୍ୟାତି ଅର୍ଜନ କରିଛି। ହେନ୍ତାଳର ନମନୀୟ ଗୁଣ ଗଛକୁ ଜୁଆର ମାଡରୁ ରକ୍ଷା କରୁଥିବା ବେଳେ ତଟକ୍ଷୟକୁ ରୋକିଥାଏ। ୧୯୯୯ ମହାବାତ୍ୟାରେ ଏହାର ପ୍ରମାଣ ଦେଖିବାକୁ ମିଳିଥିଲା। ଜୁଆର ଉତ୍ତାଳ ହୋଇଥିଲେ ମଧ ଜିଲା ମଧ୍ୟକୁ ପ୍ରବେଶ କରୁଥିବା ସମୁଦ୍ର ପାଣିକୁ ରୋକୁଥିଲା। ଫଳରେ ଜଗତ୍‌ସିଂହପୁର ଜିଲା ପରି ଏତେ ସଂଖ୍ୟକ ଧନଜୀବନ ନଷ୍ଟ ହୋଇ ନ ଥିଲା। ତେବେ ୧୯୬୦ରୁ ତଟବର୍ତ୍ତୀ ଅଞ୍ଚଳରେ ବସତି ସ୍ଥାପନ ଫଳରେ ଭିତରକନିକାର ବହୁ ହେନ୍ତାଳବଣ ଜବରଦଖଲକୁ ଚାଲି ଯାଇଛି। ଏଠାରେ ଥିବା ହେନ୍ତାଳବଣକୁ କାଟି ଚିଙ୍ଗୁଡି ଘେରି ଆଦି ନିର୍ମାଣ ଫଳରେ ତଟକ୍ଷୟ ଦ୍ରୁତ ବେଗରେ ବଢ଼ି ଚାଲିଛି। ଏହା ଯୋଗୁ ସାତଭାୟା ପଞ୍ଚାୟତର ୫ଟି ଗ୍ରାମ ରାଜସ୍ୱ ମାନଚିତ୍ରରୁ ହଜି ଯାଇଥିବା ବେଳେ ଷଷ୍ଠ ତମ ରାଜସ୍ୱ ଗ୍ରାମ ବରାହୀପୁର ନିଶ୍ଚିହ୍ନ ଅପେକ୍ଷାରେ ଅଛି। ସେହିପରି ୩୪ କୋଟି ଟଙ୍କା ବ୍ୟୟରେ ପେଣ୍ଠଠାରେ ନିର୍ମିତ ଜିଓ ଟ୍ୟୁବ୍‌ୱେଲର ସ୍ଥାୟିତ୍ୱ ପ୍ରତି ସନ୍ଦେହ ଆସୁଛି। ସମୁଦ୍ର ତଟଠାରୁ ୧୦ କିମି ପରିଧି ମଧ୍ୟରେ ହେନ୍ତାଳବଣ ସୃଷ୍ଟି ହୋଇପାରିଲେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲାବାସୀଙ୍କ ଧନଜୀବନ ରକ୍ଷା ହେବ ବୋଲି ସେମାନେ ମତ ଦେଇଛନ୍ତି। ଡିଏଫଓ ବିକାଶ ରଞ୍ଜନ ଦାଶ କହିଛନ୍ତି, ତଟରକ୍ଷା ପାଇଁ ହେନ୍ତାଳବଣ ଜରୁରୀ। ଏଥିପାଇଁ ବନ ବିଭାଗ କାର୍ଯ୍ୟ କରୁଛି। ଅନଧିକାର ପ୍ରବେଶକୁ ରୋକାଯିବା ସହ ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଚିଙ୍ଗୁଡି ଘେରିକୁ ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ଉଚ୍ଛେଦ ଚାଲିଛି। ସାମୁଦ୍ରିକ ଝଡ ୟାସ୍ ଯୋଗୁ ବିଭିନ୍ନ ସ୍ଥାନରେ ତଟକ୍ଷୟ ସହ ୨ଟି ଚିତ୍ରା ହରିଣଙ୍କ ମୃତ୍ୟୁ ହୋଇଛି। ସେହିପରି ପର୍ଯ୍ୟଟନ ଭିତ୍ତିଭୂମି ଉପରେ ଏହାର ପ୍ରଭାବ ପଡିଥିବା ସେ ପ୍ରକାଶ କରିଛନ୍ତି।

## ଗୋକୁଳାନନ୍ଦଙ୍କ ପୀଠରୁ ବାର୍‌ହା ଛୁଆ ଉଦ୍ଧାର

**ଖଣ୍ଡପଡା,(ସ୍ୱ.ପ୍ର):** ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା ଗାଁର ଗୋକୁଳାନନ୍ଦ ପୀଠ ପରିସରକୁ ଚାଲି ଆସିଥିବା ଏକ ବାର୍‌ହା ଛୁଆକୁ ଶୁକ୍ରବାର ସକାଳେ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ଖଣ୍ଡପଡା ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ସିଧାମୂଳା ଗ୍ରାମ ନିକଟ ମଧୁକର୍ଣ୍ଣିକା ପାହାଡ ଓ ତତ୍ସଲଗ୍ନ ସଂରକ୍ଷିତ ଜଙ୍ଗଲରୁ ଜନବସତି ଅଞ୍ଚଳକୁ ବାର୍‌ହା ଛୁଆଟି ଚାଲି ଆସିଥିବା ଅନୁମାନ କରାଯାଉଛି। ଉଦ୍ଧାର ବାର୍‌ହା ଛୁଆଟିକୁ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଛାଡି ଦିଆଯିବ ବୋଲି ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# ୫୦ରୁ ଊର୍ଦ୍ଧ୍ୱ ଶତାୟୁ ଗଛ ବଳି ପଡ଼ିଲା


ରାସ୍ତା ପାଇଁ ବଡବଡ ଗଛ କଟା ଯାଇଛି।


ଜେସିବି ଲଗାଇ ଗଛକୁ ତଳେ ପକାଯାଉଛି।

- ସରକାରୀ ଅଧିକାରୀଙ୍କ ଅଗୋଚରରେ କାମ
- ଏମ୍‌ଜିଏନ୍‌ଆରଇଜିଏସ୍ ନାମରେ ରାସ୍ତା ନିର୍ମାଣ

**ଓଡ଼ଗାଁ, ୨୮।୫(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡ଼ଗାଁ ବ୍ଲକ ଓ ତହସିଲ ଅନ୍ତର୍ଗତ ଦଣ୍ଡୋର-କୁରାଳ ରାସ୍ତାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ରାସ୍ତା ନିର୍ମାଣ ନାମରେ ସରକାରୀ ଅଧିକାରୀଙ୍କ ଅଗୋଚରରେ ପ୍ରଭାବଶାଳୀ ବ୍ୟକ୍ତି ୫୦ରୁ ଊର୍ଦ୍ଧ୍ୱ ଶତାୟୁ ଗଛ କାଟି ନେଇ ଯାଉଥିବା ଅଭିଯୋଗ ହୋଇଛି। କାର୍ଯ୍ୟାରମ୍ଭର ୪ରୁ ୫ ଦିନ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ଗଛ ବଳି ପଡିଛି। ଅବଶିଷ୍ଟ ୨ରୁ ୩ ଦିନ ମଧ୍ୟରେ ଆହୁରି ୩୦ ଗଛ ବଳି ପଡିବା ସମ୍ଭାବନା ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ୨୧ ନମ୍ବର ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ଗୋଡିପଲ୍ଲୀ-କୁରାଳ ରାସ୍ତା କୁସୁମୀ ନାଳ ପାର୍ଶ୍ୱରେ ଏକ ମନ୍ଦିରକୁ ରାସ୍ତା ନିର୍ମାଣ ନିମନ୍ତେ ଶତାଧିକ ଗଛ କଟା ଯିବାକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏମ୍‌ଜିଏନ୍‌ଆରଇଜିଏସ୍ ପ୍ରକଳ୍ପ ନାମରେ ପ୍ରାୟ ୧ କି.ମି. ମାଟି କାମର କାର୍ଯ୍ୟାରମ୍ଭ ହୋଇଛି। ଏ ନେଇ କୌଣସି ସୂଚନା ଫଳକ ଲାଗି ନ ଥିବା ବେଳେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ବ୍ଲକ ସହକାରୀ ଯନ୍ତ୍ରୀ ପର୍ଯ୍ୟନ୍ତ କେହି ହେଲେ ଏ ନେଇ ଅବଗତ ନାହାନ୍ତି। ଅନ୍ୟପକ୍ଷେ ସରକାରୀବାବୁଙ୍କ ଅଗୋଚରରେ ବାହାଡା, ଆମ୍ବ, ଚାକୁଣ୍ଡା(କାକପୋଇ), ବାବୁଲ, ନିମ୍ବ ଭଳି ଶତାୟୁ ମୂଲ୍ୟବାନ ଗଛ ସବୁ ଜଣେ ଠିକାଦାର କାଟି ନେବା ଅଞ୍ଚଳବାସୀଙ୍କୁ ଚକିତ କରିଛି। ଏପରି କି ଏହି ରାସ୍ତା ବାବଦରେ ପ୍ରାୟ ୧୦ ଡିସିମିଲି ହରାଉଥିବା ଜଣେ ଚାଷୀ ମଧ୍ୟ ଭୟଭୀତ ଅବସ୍ଥାରେ ସେମାନଙ୍କୁ ସହମତି ଦେବାକୁ ଏକ ରକମ ବାଧ ହୋଇଥିବା ପ୍ରକାଶ କରିଛନ୍ତି। ଏହାଦ୍ୱାରା ସେ ତାଙ୍କ ୧ ଏକର ଚାଷଜମିରୁ କେତେକାଂଶ ଜମି ହରାଉଛନ୍ତି। ମନ୍ଦିରକୁ ଯାଉଥିବା ରାସ୍ତାପାର୍ଶ୍ୱରେ ପୁରୁଷାନୁକ୍ରମରେ ରହିଥିବା ଏକ ଖୋଲା କୂଅ ମଧ୍ୟ ଠିକାଦାର ପୋତି ଦେବାକୁ ଉଦ୍ୟମ କରୁଥିବା ସେ ଅତ୍ୟନ୍ତ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ତାଙ୍କ ନିଜସ୍ୱ ଜମି ବ୍ୟତୀତ ବହୁ ରାଜସ୍ୱ ଜମିରେ ସେ ଲଗାଇଥିବା ଗଛକୁ ତାଙ୍କ ଆଖି ଆଗରେ ଜେସିବି ଲଗାଇ କାଟି ଦିଆଯାଉଛି ବୋଲି ସେ କହିଛନ୍ତି।

### ସେମାନେ ଯାହା କୁହନ୍ତି...

“କୁରାଳ ସରପଞ୍ଚ ପ୍ରତିନିଧିଙ୍କ ଏକ ଦରଖାସ୍ତ ଅନୁସାରେ, ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ସେ ସପ୍ତାହ ତଳେ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ରାସ୍ତା ନିର୍ମାଣ ପାଇଁ ସରକାରୀ ଓ ବେସରକାରୀ ଜମିରେ ରହିଥିବା ବହୁ ପୁରାତନ ମୂଲ୍ୟବାନ ଗଛ କାଟିବା ସମ୍ଭାବନା ଥିବାରୁ ଏ ନେଇ ବନ ବିଭାଗର ଅନୁମତି ନେବା ପରେ ଯୁଗ୍ମ ତଦନ୍ତ କରାଯିବ ବୋଲି ସେ କହିଥିଲେ। ହେଲେ ଏ ଭିତରେ ଗଛ ସବୁ କାଟି ନେବା ବାବଦରେ ସେ ଆଦୌ ଅବଗତ ନାହାନ୍ତି।

**– ସୁଧୀର କୁମାର ପରିଡା, ରାଜସ୍ୱ ନିରୀକ୍ଷକ, କୋମଣ୍ଡ**

“ଏଭଳି ଏକ ରାସ୍ତା ଏମ୍‌ଜିଏନ୍‌ଆରଇଜିଏସ୍‌ରେ କରାଯାଉଥିବା ସେ ଆଦୌ ଜାଣିନାହାନ୍ତି। ଏ ନେଇ ସେ ସମ୍ପୃକ୍ତ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରେ ସେ ନୀରବ ରହିଥିବା ପ୍ରକାଶ କରିଥିଲେ। ସେ ନିଜେ କ୍ଷେତ୍ର ପରିଦର୍ଶନ କରିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି।

**–ଶରତ କୁମାର ମଲ୍ଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଓଡ଼ଗାଁ ବ୍ଲକ**

“ସରକାରୀ ହେଉ କି ବେସରକାରୀ ବିନା ଅନୁମତିରେ କୌଣସି ଗଛ କାଟିବା ନିୟମ ନାହିଁ। ଏଭଳି ସ୍ଥାନରେ ରହିଥିବା ଗଛ କାଟିବାକୁ ବନ ବିଭାଗ ଓ ରାଜସ୍ୱ ବିଭାଗର ଯୁଗ୍ମ ତଦନ୍ତ ହେବା ପରେ ଗଛ କାଟିବା ନ କଟିବା ନେଇ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ନିଷ୍ପତ୍ତି ନେବା ନିୟମ ରହିଛି। ହେଲେ ସେ ଏହିଭଳି ଦୁର୍ଲଭ ଓ ମୂଲ୍ୟବାନ ଗଛ କାଟିବା ପରେ ସେସବୁକୁ ଘଟଣାସ୍ଥଳରୁ ବୋହି ନେବାକୁ ଆଦୌ ପ୍ରଶ୍ରୟ ଦେବେ ନାହିଁ। ତୁରନ୍ତ କ୍ଷେତ୍ର ପରିଦର୍ଶନରେ ଯାଇ ସମସ୍ତ କଟା କାଠ ଜବତ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

**–ଅମ୍ରିତ କୁମାର ସାହୁ, ବନାଞ୍ଚଳ ଅଧିକାରୀ, ଓଡ଼ଗାଁ**

“ଠିକାଦାର ଏଭଳି ଗଛ କାଟିବାକୁ ବେଆଇନ। ରାସ୍ତା ନିର୍ମାଣ ସମ୍ପର୍କରେ ସେ ଆଦୌ ଜାଣିଥିବା ପ୍ରକାଶ କରିଥିବା ବେଳେ ତଦନ୍ତ କରି ଏ ନେଇ ସର୍ବିଶେଷ ତଥ୍ୟ ଦେଇପାରିବେ ବୋଲି କହିଛନ୍ତି।

**– ସୁବାସ ଚନ୍ଦ୍ର ରାଏ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ**

## ସଂକ୍ଷେପରେ

### ସିଧାମୂଳା ପଞ୍ଚାୟତ କଣ୍ଟେନମେଣ୍ଟ ଜୋନ

**ଖଣ୍ଡପଡା,୨୮।୫(ସ୍ୱ.ପ୍ର):** ଖଣ୍ଡପଡା ବ୍ଲକ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସିଧାମୂଳା ପଞ୍ଚାୟତରେ କରୋନା ସଂକ୍ରମିତ ବାହାରିବାରୁ କଣ୍ଟେନମେଣ୍ଟ ଜୋନ ଘୋଷିତ ହୋଇଛି। ସିଧାମୂଳା ମହାଳିକ ସାହିରେ ଇତିମଧ୍ୟରେ ୧୦ଜଣ ଆକ୍ରାନ୍ତ ହୋଇଥିବାରୁ ପଞ୍ଚାୟତ ପକ୍ଷରୁ ମିନି କଣ୍ଟେନମେଣ୍ଟ ଜୋନ କରାଯାଇଥିବା ଜଣାଯାଇଛି। ଏହାସତ୍ତ୍ୱେ ଶୁକ୍ରବାର ୮୯ଜଣ ଟିକା ନେଇଛନ୍ତି। ଏହି ପଞ୍ଚାୟତ ଅଞ୍ଚଳରେ ସିଧାମୂଳା, ବଳରାମପ୍ରସାଦ, ରାଜକିଆରୀ, କନାସିଂ, ହଟିଆପଲ୍ଲୀ, ନାଗଝର ଓ ପଥରଦ୍ୱାର ଆଦି ଗ୍ରାମରେ ବହୁ ବୁଦ୍ଧିଜୀବୀ ଓ ବୟସ୍କ ନାଗରିକ ଥିବା ବେଳେ ସମ୍ପ୍ରତି ମହାମାରୀ କରୋନା ସଂକ୍ରମଣ ସମୟରେ କେଉଁ କାରଣରୁ ବିମୁଖ ହୋଇଛନ୍ତି ତାହା ବୁଝା ପଡୁନାହିଁ। ଅପରପକ୍ଷରେ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ସିଧାମୂଳା ୧୩ କି.ମି. ଦୂର ହୋଇଥିବାରୁ ବରିଷ୍ଠ ନାଗରିକମାନେ ଆସି ପାରୁନାହାନ୍ତି ବୋଲି ବହୁ ବରିଷ୍ଠ ନାଗରିକ ଏ ସମ୍ପର୍କରେ ଜଣାଇଛନ୍ତି। ଆଗାମୀ ଦିନରେ ସିଧାମୂଳା ଆୟୁର୍ବେଦିକ ଡାକ୍ତରଖାନା, କ୍ଲବ କିମ୍ବା ବିଦ୍ୟାଳୟରେ ଟିକାକରଣ କେନ୍ଦ୍ର କରିବାକୁ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କୁ ନିବେଦନ କରାଯାଇଥିବା ଜଣାପଡିଛି।

### ମାସ୍କ ଚେକିଂ, ୮ହଜାର ଜରିମାନା ଆଦାୟ



ଦଶପଲ୍ଲା,୨୮।୫( ଡି.ଏନ.ଏ.) ନୟାଗଡ଼ ଜିଲା ଦଶପଲ୍ଲା ପୋଲିସ ପକ୍ଷରୁ ଦୁର୍ଗା ବଜାର ନିକଟରେ ମାସ୍କ ଚେକିଂ କରାଯାଇଥିଲା। ମାସ୍କ ପିନ୍ଧି ନ ଥିବା ଏବଂ କୌଣସି ଅନୁମତି ନ ଥାଇ କୋଭିଡ ସମୟରେ ବୁଲାବୁଲି କରିବାରୁ ଅମାନିଆଙ୍କଠାରୁ ୮,୪୦୦ଟଙ୍କା ଜରିମାନା ଆଦାୟ ହୋଇଛି। ଦଶପଲ୍ଲା ଥାନା ଭାରପ୍ରାପ୍ତ ଅଧିକାରୀ ସୁବାସ ଚନ୍ଦ୍ର ଚମ୍ପତି, ସେକେଣ୍ଡ ଅଫିସର ଚକ୍ରଧର ସିଂଙ୍କ ନେତୃତ୍ୱରେ ଏହି ଧରପଗଡ କାର୍ଯ୍ୟ କରାଯାଇଥିଲା। ତେବେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ଚାଲିଥିବା ବେଳେ ଏବେ ବି ଲୋକମାନେ ସଚେତନ ନ ହେବା ଦୁଃଖଦାୟକ ବୋଲି ପୋଲିସ ପକ୍ଷରୁ କୁହାଯାଉଛି।

### ଜିଲାରେ ୧୬୪ କରୋନା ଆକ୍ରାନ୍ତ

**ନୟାଗଡ ଅଫିସ,୨୮।୫:** ନୟାଗଡ ଜିଲାରେ ଶୁକ୍ରବାର ରିପୋର୍ଟରେ ୧୬୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ଦ୍ୱିତୀୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮,୨୪୮ରେ ପହଞ୍ଚିଛି। ରିପୋର୍ଟରେ ଭାପୁର ବ୍ଲକରେ ୩, ଦଶପଲ୍ଲାରେ ୩୫, ଗଣିଆରେ ୨, ଖଣ୍ଡପଡାରେ ୧୨, ନୟାଗଡରେ ୨୨, ନୂଆଗାଁରେ ୩୬, ଓଡଗାଁ ୩୨, ରଣପୁର ବ୍ଲକରେ ୬, ନୟାଗଡ ମ୍ୟୁନିସିପାଲିଟିରେ ୧୬ଜଣ ଅଛନ୍ତି। ପ୍ରକାଶଥାଉ କି କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ନୟାଗଡ଼ ଜିଲାରୁ ୫୦ ଜୀବନ ନେଇ ସାରିଲାଣି।

### ରାସ୍ତାରେ ଓଲଟିଲା ସାର ବୋଝେଇ ଟ୍ରକ

**ଖଣ୍ଡପଡା,୨୮।୫(ସ୍ୱ.ପ୍ର):** ଖଣ୍ଡପଡା ଥାନା ଅଧୀନ ଖଳିସାହି-କୋସକା ରାସ୍ତାର ସିଂଘାପଡା ଗ୍ରାମର କଲର୍ଭଟ ନିକଟରେ ଏହି ସାର(ପିଡିଆ) ବୋଝେଇ ୧୪ ଚକିଆ ଟ୍ରକଟି ଭାରସାମ୍ୟ ହରାଇ ଶୁକ୍ରବାର ରାତି ୯ଟାରେ ରାସ୍ତା କଡକୁ ଓଲଟି ପଡିଛି। ସ୍ଥାନୀୟ ବାସିନ୍ଦା ଟ୍ରକ ମଧ୍ୟରୁ ଚାଳକ ଓ ହେଲପରକୁ ଉଦ୍ଧାର କରିଛନ୍ତି। ସେମାନେ ସାମାନ୍ୟ ଆହତ ହୋଇଛନ୍ତି। ଖବରପାଇ ଆଇଆଇସି ବିଶ୍ୱଜିତ ରାଉତରାୟ ଓ ଗଡିଆସାହି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟ୍ରକଟି ଖଳିସାହିରୁ କୋସକା ଅଭିମୁଖେ ଯାଉଥିଲା।



### କରୋନାରେ ଜିଲାର ପ୍ରଥମ ଛାପାକଳ ପ୍ରତିଷ୍ଠାତାଙ୍କ ମୃତ୍ୟୁ

**ନୟାଗଡ ଅଫିସ,୨୮।୫:** ନୟାଗଡ଼ ଜିଲାର ପ୍ରଥମ ଛାପାକଳ ପ୍ରତିଷ୍ଠାତା ରଘୁନାଥ ମିଶ୍ର(୮୮) କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ସମୟରେ ପରଲୋକ ଘଟିଛି। ସେ ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିବା ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଗତ ୬୦ ଦଶକରେ ନୟାଗଡ଼ ସହରରେ ପ୍ରଥମ ଛାପାକଳ 'ରଘୁନାଥ ପ୍ରେସ' ସ୍ଥାପନ କରି ବିଭିନ୍ନ ପୁସ୍ତିକା, ମାଗାଜିନ ତଥା ସରକାରୀ ନଥିପତ୍ର ଆଦି ଛାପୁଥିଲେ। ପରବର୍ତ୍ତୀ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସାମନାରେ ଜଗନ୍ନାଥ ପ୍ରେସ ସ୍ଥାପନ କରି ବର୍ତ୍ତମାନ ପର୍ଯ୍ୟନ୍ତ ଛାପାକାର୍ଯ୍ୟ ଚାଲୁ ରଖିଥିଲେ। କୋଭିଡ ଗାଇଡଲାଇନ ଅନୁସାରେ ତାଙ୍କର ଅନ୍ତିମ ସଂସ୍କାର ଚାନ୍ଦପୁରଠାରେ କରାଯାଇଥିବା ବେଳେ ମଧ୍ୟମ ପୁତ୍ର ଅଜିତ କୁମାର ମିଶ୍ର ମୁଖାଗ୍ନି ଦେଇଥିଲେ। ତାଙ୍କର ମୃତ୍ୟୁରେ ନୟାଗଡ଼ ବଣିକ ସଂଘ, ଉପର ବଜାର ଛକ ବଣିକ ସଂଘ ତଥା ବିଭିନ୍ନ ବ୍ୟକ୍ତି ବିଶେଷ ଶୋକବ୍ୟକ୍ତ କରିଛନ୍ତି।

### ଜମି ନ ଦେବାରୁ ଘର ପାଖରେ ଗର୍ତ୍ତ

**ନୟାଗଡ ଅଫିସ,୨୮।୫:** ଇଟାମାଟି ପଞ୍ଚାୟତସାହିର ନୀଳକଣ୍ଠ ଜେନା ଜମି ବିକ୍ରି ନ କରିବାରୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଉତ୍ତେଜିତ ହୋଇ ଘରକୁ ଲାଗି ୭ ଫୁଟର ଏକ ଗର୍ତ୍ତ କରିଛନ୍ତି। ଜେସିବି ଲଗାଇ ଏହି ଗର୍ତ୍ତ ଶୁକ୍ରବାର କରାଯାଇଛି। ବର୍ଷା ହେଲେ ଘରଟି ଭୁଷୁଡି ପଡିବାର ଆଶଙ୍କା ରହିଛି। ଏ ନେଇ ନୀଳକଣ୍ଠ ଇଟାମାଟି ଥାନାରେ ଅଭିଯୋଗ କରିଛନ୍ତି। ତେବେ ପୋଲିସ ଏପରି ଅଭିଯୋଗ ପାଇ ନ ଥିବା ଥାନା ଅଧିକାରୀ ବସନ୍ତ ସାହୁ ସୂଚନା ଦେଇଛନ୍ତି।

# ଅଭିଯୋଗ ରଖିଲାନି ଚାନ୍ଦପୁର ପୋଲିସ

**ରାତି ଅଧରେ ଗୋଦାମ ଘରୁ ପିଡିଏସ ସାମଗ୍ରୀ ଚୋରି ଘଟଣା**

**ନୟାଗଡ଼ ଅଫିସ/ରଣପୁର, ୨୮।୫(ସ୍ୱ.ପ୍ର,):**

ନୟାଗଡ଼ ଜିଲା ରଣପୁର ବ୍ଲକ କେରେଣ୍ଡାଟାଙ୍ଗୀ ପଞ୍ଚାୟତର ଗୋଦାମ ଘରୁ ରାତି ଅଧରେ ପିଡିଏସ୍ ସାମଗ୍ରୀ ଚୋରି ଘଟଣାର ତଦନ୍ତ ଶେଷ ହୋଇଛି। ତଦନ୍ତ ରିପୋର୍ଟ ପାଇବା ପରେ ଜିଲାପାଳ ଚୋରି ଘଟଣାରେ ଥାନାରେ ଏତଲା ଦେବାକୁ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଚାନ୍ଦପୁର ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ଏତଲା ରଖୁ ନ ଥିବା ରଣପୁର ବିଡିଓ କହିଛନ୍ତି।

ପ୍ରକାଶ ଯେ, ଭାଇରାଲ ଭିଡିଓରେ ପିଡିଏସ୍ ସାମଗ୍ରୀ ଚୋରି ବେଳେ ସ୍ଥାନୀୟ କେରେଣ୍ଡାଟାଙ୍ଗୀ ପଞ୍ଚାୟତର ସରପଞ୍ଚଙ୍କ ଭାଇ ଓ ଅନ୍ୟ କେତେଜଣ ଲୋକ ବାଇକ୍ ଯୋଗେ ପିଡିଏସ୍ ସାମଗ୍ରୀ ନେଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ପଞ୍ଚାୟତର ଜଣେ କର୍ମଚାରୀ ମଧ୍ୟ ଚୋରି ସ୍ଥାନରେ ଥିବାର ଦୃଶ୍ୟ ରହିଥିଲା। ପଞ୍ଚାୟତର ଖାଉଟିମାନେ ପିଡିଏସ୍ ସାମଗ୍ରୀ ପାଉ ନ ଥିବାବେଳେ ରାତି ଅଧରେ ସାମଗ୍ରୀ ଚୋରି ପରେ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପଞ୍ଚାୟତ ଗୋଦାମ ଘରର ଚାବି ନିର୍ବାହୀ ଅଧିକାରୀଙ୍କ ପାଖରେ ରୁହେ। ହେଲେ ଚାବି ଖୋଲି ପିଡିଏସ୍ ସାମଗ୍ରୀ ନିଆଯାଉଥିଲା କିପରି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏଣୁ ଏହି ଘଟଣାରେ ନିର୍ବାହୀ ଅଧିକାରୀ ଓ ପଞ୍ଚାୟତ କର୍ମଚାରୀଙ୍କ ସମେତ ଯୋଗାଣ ବିଭାଗର ବହୁ କର୍ମଚାରୀ ସମ୍ପୃକ୍ତ ଥିବାର ଅଭିଯୋଗ ଉଠିଥିଲା। କେରେଣ୍ଡାଟାଙ୍ଗୀ ପଞ୍ଚାୟତର ଏଭଳି ପିଡିଏସ୍ ସାମଗ୍ରୀ ଚୋରିର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଘୂରି ବୁଲିବା ଓ ନୟାଗଡ଼ ଜିଲାପାଳଙ୍କ ନିକଟରେ ଖାଉଟିମାନେ ଫେରାଦ ହୋଇଥିଲେ। ପରେ ଜିଲାପାଳ ପୋମା ଟୁଡୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଜୟନ୍ତ କୁମାର ଜେନା ଓ ସବ୍ ଡିଭିଜନାଲ ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି ଏହାର ତଦନ୍ତ କରି ରିପୋର୍ଟ ଦେଇଥିଲେ। ଏ ନେଇ ଜିଲା ପଞ୍ଚାୟତ ଅଧିକାରୀ ରତିକାନ୍ତ ଆଚାର୍ଯ୍ୟ କୁହନ୍ତି, କେରେଣ୍ଡାଟାଙ୍ଗୀ ପିଡିଏସ୍ ସାମଗ୍ରୀ ଚୋରି ଘଟଣାରେ ରଣପୁର ଥାନାରେ ରଣପୁର ବିଡିଓ ଏତଲା ଦେଇଥିଲେ। ତେବେ ଏତଲାରେ ତଦନ୍ତ ରିପୋର୍ଟ ନ ଥିବାରୁ ଥାନା ପକ୍ଷରୁ ପୁଣି ଅଭିଯୋଗ କରିବାକୁ କୁହାଯାଇଥିଲା। ଏଭଳିସ୍ଥଳେ ରଣପୁର ବିଡିଓ ପୁଣି ଶୁକ୍ରବାର ଅଭିଯୋଗ କରିବାକୁ ଯାଇଛନ୍ତି। ବିଡିଓ ପଞ୍ଚାୟତ ପଟ୍ଟାୟତ କୁହନ୍ତି, ବ୍ଲକ ପଞ୍ଚାୟତ ଅଧିକାରୀ ସୁବାସ ଚନ୍ଦ୍ର ସେଠୀ ଚାନ୍ଦପୁର ଥାନାରେ ପିଡିଏସ୍ ସାମଗ୍ରୀ ହରିଲୁଟ ନେଇ ଅଭିଯୋଗ କରିବାକୁ ଯାଇଥିଲେ। ହେଲେ ଚାନ୍ଦପୁର ଥାନା ପକ୍ଷରୁ ଅଭିଯୋଗ ରଖା ଯାଇ ନ ଥିବା ସୂଚନା ଦେଇଛନ୍ତି।

### ବାଇକ୍-ବୋଲେରୋ ଧକ୍କା, ୨ ଗୁରୁତର

**ଦଶପଲ୍ଲା,୨୮।୫( ଡି.ଏନ.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ଦଶପଲ୍ଲା ନିକଟସ୍ଥ ସରିଗଣ୍ଡାଠାରେ ଫୁଲବାଣୀ ଅଭିମୁଖେ ଯାଉଥିବା ଏକ ବୋଲେରୋ ସହ ବାଣିଗୋଛା ପଟୁ ଆସୁଥିବା ଏକ ବାଇକ୍ ଶୁକ୍ରବାର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ନୟାଗଡ ପଠାଇ ଦିଆଯାଇଛି। ବାଇକ୍‌ରେ ଥିବା ୨ ଜଣ ହେଲେ ଦଶପଲ୍ଲା ବ୍ଲକ କଳସାଖମଣ ପଞ୍ଚାୟତର ରାଜେନ୍ଦ୍ର ପ୍ରଧାନ (୨୫), ବରୁଣ ଗୌଡ(୪୦) ବୋଲି ଜଣାପଡିଛି। ଦଶପଲ୍ଲା ପୋଲିସ ଗାଡି ୨ଟି ଜବତ କରି ଅନୁସନ୍ଧାନ ଜାରି ରଖିଛି ବୋଲି ଥାନା ସୂତ୍ରରୁ ଜଣାପଡିଛି।

### କୋର୍ଟଙ୍କ ବାରଣ ସତ୍ତ୍ୱେ ଚାଲିଛି ନିର୍ମାଣ



ପାଚେରି ନିର୍ମାଣ ଚାଲିଛି।

**ନୟାଗଡ଼ ଅଫିସ,୨୮।୫:**

ନୟାଗଡ଼ ଜିଲା ଫତେଗଡ ଥାନା କୁଆହାରା ଗାଁରେ କୋର୍ଟଙ୍କ ବାରଣ ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଚାଲିଥିବାର ଅଭିଯୋଗ ହୋଇଛି। ଏ ନେଇ ପଡ଼ିଶା ଘରର ବେଆଇନ ନିର୍ମାଣ କାର୍ଯ୍ୟ ସମ୍ପର୍କରେ କୁହାହରା ଗାଁର ସରୋଜ କୁମାର ସାହୁ ଜଗନ୍ନାଥ ପ୍ରସାଦ ଫାଣ୍ଡି, ଫତେଗଡ ଥାନା ଓ ନୟାଗଡ ଏସ୍‌ପିଙ୍କୁ ଅବଗତ କରାଇଛନ୍ତି। ଖଣ୍ଡପଡା କୋର୍ଟରେ ୨/୨୧ରେ ଥିବା କେସ୍‌ର ଶୁଣାଣି ସୋମବାର ହେବାକୁ ଥିବାବେଳେ ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। ଏକ ପ୍ରାଚୀର ନିର୍ମାଣକୁ ନେଇ ସରୋଜ ଓ ପଡ଼ିଶାଘର ମଧ୍ୟରେ ବିବାଦ ଦେଖାଦେଇଛି।

### ଦେଶୀ ମଦଭାଟି ଠାବ


ଅବକାରୀ ବିଭାଗର କର୍ମଚାରୀମାନେ ଦେଶୀ ମଦ ଭାଟିରୁ ଜବତ କରିଥିବା ପୋଚ।

**ନୟାଗଡ଼ ଅଫିସ,୨୮।୫:**

ନୟାଗଡ଼ ଜିଲା ରଣପୁର ଅବାକରୀ ବିଭାଗର କର୍ମଚାରୀମାନେ ପଟିଆ ଅଞ୍ଚଳ ଉପରେ ଚଢ଼ାଉ କରି ଶୁକ୍ରବାର ଏକ ଦେଶୀ ମଦଭାଟି ଠାବ କରିଛନ୍ତି। ଏହାକୁ ଭାଙ୍ଗି ମଦ ତିଆରି ପାଇଁ ବ୍ୟବହୃତ ପ୍ରାୟ ୧ ଲକ୍ଷ ଟଙ୍କାର ଉପକରଣ ଜବତ କରିଛନ୍ତି। ପୁଣି ୫୫ ଲିଟର ଦେଶୀ ମଦ ଜବତ କରିଥିବାବେଳେ ୩୪୦୦ ଲିଟର ପୋଚ ନଷ୍ଟ କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତମାନେ ଖସି ପଳାଇ ଥିଲେ। ଅନ୍ୟପକ୍ଷେ ମଦ ବିକ୍ରି ଘଟଣାରେ ମୟୂରଝାଲିଆ ଗାଁର ଜଣେ ଓ ସୁରୁକାବାଡି ଗାଁର ଜଣେ ଗିରଫ ହୋଇଛନ୍ତି।

### ମାଇକ୍ରୋ କଣ୍ଟେନମେଣ୍ଟ ଜୋନ

**ନୟାଗଡ ଅଫିସ,୨୮।୫:**

ନୟାଗଡ ଜିଲା ଗଣିଆ ତହସିଲ ରାସଙ୍ଗ ପଞ୍ଚାୟତ ଉଙ୍କାରସାହି ଗାଁର ଉପରସାହିରେ କରୋନା ରୋଗୀ ଚିହ୍ନଟ ପରେ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା ହୋଇଛି। ଶୁକ୍ରବାରଠାରୁ ଜୁନ ୩ ତାରିଖ ପର୍ଯ୍ୟନ୍ତ କରୋନା କଟକଣା ଲାଗି ରହିବ ବୋଲି ଗଣିଆ ତହସିଲଦାର ସୂଚନା ଦେଇଛନ୍ତି।

# ଷ୍ଟକ ଯାଞ୍ଚ ପରେ ଦେଢ଼ କୁଇଣ୍ଟାଲ ଚାଉଳ ଅଧିକ

**ପିଡିଏସ୍ ଚାଉଳ ଜବତ ଘଟଣା**

- ନିଲମ୍ବିତ ହେଲେ ରଙ୍ଗଦେଉଳି ରିଟେଲର
- ଲାଇସେନ୍ସ ରଦ୍ଦ ପାଇଁ କାରଣ ଦର୍ଶାଅ ନୋଟିସ୍


ଜବତ ହୋଇଥିବା ପିଡିଏସ ବୋଝେଇ ୪୦୭ ମିନିଟ୍ରକ।

**ନୟାଗଡ଼ ଅଫିସ,୨୮।୫:** ନୟାଗଡ଼ ଜିଲା ରଣପୁର ବ୍ଲକ ରଙ୍ଗଦେଉଳି ପଞ୍ଚାୟତର ପିଡିଏସ୍ ଚାଉଳ ଟ୍ରକ ଜବତ ପରେ ଫସିଛନ୍ତି ରିଟେଲର। ଯୋଗାଣ ବିଭାଗ ପକ୍ଷରୁ ରିଟେଲରଙ୍କ ଷ୍ଟକ ଯାଞ୍ଚ ପରେ ଦେଢ଼ କୁଇଣ୍ଟାଲ ଚାଉଳ ଅଧିକ ମିଳିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ରିଟେଲର ତ୍ରିନାଥ ସାହୁଙ୍କୁ ନିଲମ୍ବନ କରାଯାଇଛି। ଅନ୍ୟପକ୍ଷେ ଡିଲର ଲାଇସେନ୍ସ ରଦ୍ଦ ପାଇଁ କାରଣ ଦର୍ଶାଅ ନୋଟିସ୍ ହୋଇଛି। ସେହିପରି ଜବତ ଚାଉଳ ମିନିଟ୍ରକ ୪୦୭ ବିରୋଧରେ ଥାନାରେ ମାମଲା ହେବ।

ଗୋଡିପଡା ବଡପୋଖରୀଠାରେ ଗତ ୨୪ ତାରିଖ ପୂର୍ବାହ୍ନରେ ପିଡିଏସ୍ ଚାଉଳ ବୋଝେଇ ଟ୍ରକକୁ ଅଟକାଇ ରଙ୍ଗଦେଉଳି ପଞ୍ଚାୟତର ଖାଉଟିମାନେ ରଣପୁର ଥାନାର ଦର୍ପନାରାୟଣପୁର ଫାଣ୍ଡିରେ ପୋଲିସ ଜିମା ଦେଇଥିଲେ। ରଙ୍ଗଦେଉଳିର ପ୍ରଫୁଲ୍ଲ ନାୟକ ନାମକ ଜଣେ ଖାଉଟି ଏ ନେଇ ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଚାଉଳ ବୋଝେଇ (ନଂ.ଓଡି ୨୫ଡି ୬୪୭୮)ର ମିନି ଟ୍ରକ ୪୦୭ ଜବତ କରିଥିଲା। ଏହା ପରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ହେଲେ ଚାଉଳ ଜବତ ଘଟଣାରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ଉପଜିଲାପାଳଙ୍କୁ ଭେଟି ରିଟେଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରାଯାଇଥିଲା। ଏପରିକି ଚାଉଳ ଦୁର୍ନୀତି ସମ୍ପର୍କରେ କଂଗ୍ରେସ ପକ୍ଷରୁ ଜିଲା ସଭାପତି ରଣଜିତ ଦାଶ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଜଣାଇଥିଲେ। ଏ ନେଇ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଜୟନ୍ତ ଜେନା କୁହନ୍ତି, ରଙ୍ଗଦେଉଳି ରିଟେଲରଙ୍କର ଷ୍ଟକ ଯାଞ୍ଚ ପରେ ଦେଢ଼ କୁଇଣ୍ଟାଲ ଚାଉଳ ଅଧିକ ମିଳିଛି। ଅନ୍ୟପକ୍ଷେ ରିଟେଲର ପଏଣ୍ଟରେ ଷ୍ଟକ ଓ ଖାଉଟି ଉପକରଣର ଦର ତାଲିକା ନାମଫଳକ ଝୁଲୁ ନ ଥିଲା। ପୁଣି ରାଶନ କାର୍ଡ ହିତାଧିକାରୀଙ୍କ ତାଲିକା, ସେଲ ରେଜିଷ୍ଟର, ଟାଲି ରେଜିଷ୍ଟର, ଅଭିଯୋଗ ରେଜିଷ୍ଟରକୁ ରିଟେଲର ତଦନ୍ତକାରୀ ଅଧିକାରୀଙ୍କୁ ଦେଖାଇ ପାରି ନ ଥିଲେ। ଏଭଳିସ୍ଥଳେ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ରିଟେଲରଙ୍କୁ ନିଲମ୍ବନ କରାଯାଇଛି। ପୁଣି କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ତେବେ ଖାଉଟିମାନେ ରାଶନ ଉପକରଣ ସ୍ଥାନୀୟ ପିଇଓଙ୍କଠାରୁ ନେଇ ପାରିବେ। ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି, ରିଟେଲରଙ୍କ କାଉଣ୍ଟରରୁ ଦେଢ଼ କୁଇଣ୍ଟାଲ ଚାଉଳ ଅଧିକ ମିଳିବା ପରେ ରିଟେଲର ସାହୁଙ୍କୁ ନିଲମ୍ବନ କରାଯାଇଛି। ରିଟେଲର ଲାଇସେନ୍ସ କାହିଁକି ବାତିଲ କରା ନ ଯିବ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଜବତ ଚାଉଳ ଟ୍ରକ ବିରୋଧରେ ଥାନାରେ ମାମଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

#### ଜବତ ଚାଉଳର ତଦନ୍ତ ଶୀତଳଭଣ୍ଡାରରେ

ଗୋଡିପଡାଠାରୁ ଜବତ ହୋଇଥିବା ଚାଉଳ ଆସିଥିଲା କେଉଁଠୁ, ଯାଉଥିଲା କୁଆଡେ ତାହା ଅନ୍ଧାରରେ ରହିଛି। ଯଦିଓ ଅଭିଯୋଗକାରୀ ରଙ୍ଗଦେଉଳି ରିଟେଲରଙ୍କଠାରୁ ପିଡିଏସ୍ ଚାଉଳ ଆସୁଥିଲା ବୋଲି ରଣପୁର ଥାନାରେ ଅଭିଯୋଗ ହୋଇଛି। ତେବେ ଅଭିଯୋଗର ସତ୍ୟତା କେତେଦୂର ତାହା ତଦନ୍ତ ହେଉନାହିଁ। ଏହି ଅନିୟମିତତାର ତଦନ୍ତ ଯୋଗାଣ ବିଭାଗ କରିବ ବୋଲି ପୋଲିସ କହୁଥିବାବେଳେ ବିଭାଗ ପକ୍ଷରୁ ଏହା ପୋଲିସର କାମ ବୋଲି କୁହାଯାଉଛି। ଥାନା ଭିତରେ ଜବତ ଚାଉଳ ବୋଝେଇ ୪୦୭ ଟ୍ରକ ୫ଦିନ ହେଲା ପଡି ରହିଛି। ଏହାର ତଦନ୍ତ ନ ହେଲେ ଜବତ ଚାଉଳ ଟ୍ରକ ଖସି ଯିବାରେ ସକ୍ଷମ ହେବ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷେ ଯଦି ରିଟେଲର ପିଡିଏସ ଚାଉଳ ବସ୍ତା ହଟାଇ ନୂଆ ବସ୍ତାରେ ପ୍ୟାକ କରି ଚାଉଳ ଦେଇଛନ୍ତି ପୁଣି ଏହି ଅନିୟମିତତାରେ ଗିରଫ ହେବା ଦରକାର ବୋଲି ଖାଉଟିମାନେ ଅଭିଯୋଗ କରିଛନ୍ତି।